# NATIONAL NEWS BULLETIN (ODIA)

**18 October- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ମାଓ ହିଂସା ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହେଉଛନ୍ତି ମାଓବାଦୀ, କହିଲେ ପ୍ରଧାନମନ୍ତ୍ରୀ

- ଉତ୍ତରପ୍ରଦେଶର ବ୍ରହ୍ମୋସ୍ ଏୟାରସ୍ପେସ୍ କେନ୍ଦ୍ରରୁ ଉତ୍ପାଦିତ ପ୍ରଥମ ପର୍ଯ୍ୟାୟ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କଲେ ପ୍ରତିରକ୍ଷାମନ୍ତ୍ରୀ

- ଅର୍ଥନୈତିକ ସଂକଟ ସମୟରେ ସହାୟତା ଦେଇଥିବାରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କୃତଜ୍ଞତା ଜଣାଇଲେ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ

- ମୋଜାମ୍ବିକ୍‌ରେ ଡଙ୍ଗା ବୁଡ଼ି ୩ ଭାରତୀୟ ମୃତ, ୫ ନିଖୋଜ

ଏବଂ

- ଡେନ୍‌ମାର୍କ ଓପନ୍ ବ୍ୟାଡମିଣ୍ଟନରେ ଭାରତ ଓ ଜାପାନ ମଧ୍ୟରେ ଖେଳାଯିବ ମ୍ୟାଚ୍

## ପିଏମ୍-ନକ୍ସଲାଜିମ୍

ଦେଶ ଖୁବ୍‌ଶୀଘ୍ର ମାଓବାଦୀ ପ୍ରଭାବରୁ ମୁକ୍ତ ହେବ ଏବଂ ମାଓ କାର୍ଯ୍ୟକଳାପ ବନ୍ଦ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଶା ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ମାଓ ଆତଙ୍କ ହ୍ରାସ କରିବା ଦିଗରେ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି ।

ଗତକାଲି ନୂଆଦିଲ୍ଲୀରେ ବିଶ୍ୱ ସମ୍ମିଳନୀକୁ ଉଦ୍‌ବୋଧନ ଦେବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ମାଓବାଦର ମୂଳୋତ୍ପାଟନ ପାଇଁ ସରକାର ଉଦ୍ୟମ ଜାରି ରଖିଛନ୍ତି ।

**V/O (PM- Maoist-violence)**

ପ୍ରଧାନମନ୍ତ୍ରୀ କହିଛନ୍ତି, ମାଓ ଆତଙ୍କ ଦେଶର ଯୁବପିଢ଼ି ପ୍ରତି ଅନ୍ୟାୟ ସୃଷ୍ଟି କରିଛି । ଗତ ଦଶନ୍ଧି ମଧ୍ୟରେ ହିଂସାର ପଥ ପରିତ୍ୟାଗ କରି ଅନେକ ସଂଖ୍ୟାରେ ମାଓବାଦୀ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଗତ ୭୫ ଘଣ୍ଟାରେ ୩୦୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଆଗାମୀ ଦୀପାବଳି ପର୍ବ ମାଓମୁକ୍ତ ହେବ ଏବଂ ଲୋକମାନେ ଆନନ୍ଦ ଉତ୍ସାହର ସହିତ ଦୀପାବଳି ପର୍ବ ପାଳନ କରିବେ ।

**V/O (PM- Naxal Free Dewali)**

ଗତ ପାଞ୍ଚ ଦଶନ୍ଧି ଧରି ମାଓବାଦୀମାନଙ୍କ ଆତଙ୍କ ଯୋଗୁଁ ହଜାର ହଜାର ଜୀବନ ଯାଇଥିବା ବେଳେ ଅନେକ ସୁରକ୍ଷାକର୍ମୀ ଏବଂ ଯୁବକ ପ୍ରଭାବିତ ହୋଇଛନ୍ତି । ମାଓପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ବିଦ୍ୟାଳୟ ଏବଂ ହସ୍ପିଟାଲ ଗୃହ ଓ ଅନ୍ୟାନ୍ୟ ଜରୁରୀ ଭିତ୍ତିଭୂମି ଗୁଡ଼ିକ ବହୁଳ ପରିମାଣରେ ନଷ୍ଟ କରିଦିଆଯାଇଛି । ଦେଶର ବହୁ ଅଞ୍ଚଳ ଏବେ ମଧ୍ୟ ମାଓ ପ୍ରଭାବ ଯୋଗୁଁ ବିକାଶ ଠାରୁ ବହୁ ଦୂରରେ ରହିଛି । ସେ କହିଛନ୍ତି, ମାଓବାଦ ସମାପ୍ତ କରି ଦେଶକୁ ବିକାଶ ପଥରେ ଆଗେଇ ନେବା ଲାଗି ସମସ୍ତଙ୍କ ପ୍ରୟାସ ଜରୁରୀ ।

---

# ପିଏମ୍-ଧନତେରସ

ଧନତେରସ ପର୍ବ ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ ଦେଶବାସୀଙ୍କ ସୁଖ, ସମୃଦ୍ଧି ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି । ପ୍ରଭୁ ଧନନ୍ତ୍ୱରୀ ସମସ୍ତ ନାଗରିକଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ ବୋଲି ଶ୍ରୀ ମୋଦୀ ଆଶା ପ୍ରକାଶ କରିଛନ୍ତି ।

# ୟୁପି-ରାଜନାଥ ବ୍ରହ୍ମୋସ

ଉତ୍ତରପ୍ରଦେଶର ଲକ୍ଷ୍ନୌସ୍ଥିତ ବ୍ରହ୍ମୋସ ଏରୋ ସ୍ପେସ୍ ୟୁନିଟ୍‌ରୁ ଉତ୍ପାଦିତ ପ୍ରଥମ ପର୍ଯ୍ୟାୟର ବ୍ରହ୍ମୋସ କ୍ଷେପଣାସ୍ତ୍ରକୁ ଆଜି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଏହି ଅବସରରେ ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି, ବ୍ରହ୍ମୋସ୍ କେବଳ ଏକ କ୍ଷେପଣାସ୍ତ୍ର ନୁହେଁ, ଏହା ଦେଶର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଅସ୍ତ୍ରଶସ୍ତ୍ରର ପ୍ରତୀକ । ସେ କହିଛନ୍ତି ବ୍ରହ୍ମୋସ୍ କ୍ଷେପଣାସ୍ତ୍ରରେ ପାରମ୍ପରିକ  ଜ୍ଞାନକୌଶଳ ରହିଥିବା ବେଳେ ଏହା ଅତ୍ୟନ୍ତ ଗତିଶୀଳ ଭାବେ ଦୂରବର୍ତ୍ତୀ ଅଞ୍ଚଳକୁ ଲକ୍ଷ୍ୟଭେଦ କରିବାର କ୍ଷମତା ରଖିଛି । ସଠିକ୍ ଭାବରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଏବଂ ଯୁଦ୍ଧକ୍ଷେତ୍ରରେ ସଫଳତା ଦୃଷ୍ଟିରୁ ବିଶ୍ୱରେ ବ୍ରହ୍ମୋସ୍ ଏକ ପ୍ରମାଣିତ ବ୍ୟବସ୍ଥା ଭାବେ ଉଭା ହୋଇଛି । ସେ କହିଛନ୍ତି, ଦେଶ ଏବେ ବ୍ରହ୍ମୋସ୍‌କୁ ନେଇ ସୁରକ୍ଷିତ ଅନୁଭବ କରୁଛି ।

**V/O (Rajnath Brahmos)**

ଉତ୍ତରପ୍ରଦେଶର ଲକ୍ଷ୍ନୌ ବ୍ରହ୍ମୋସ୍ ୟୁନିଟ୍ ହେଉଛି ବ୍ରହ୍ମୋସ୍ ଉତ୍ପାଦନ କରିବା କ୍ଷେତ୍ରରେ ପ୍ରଥମ ବ୍ୟବସ୍ଥା, ଯେଉଁଠାରେ କ୍ଷେପଣାସ୍ତ୍ର ଉତ୍ପାଦନଠାରୁ ଆରମ୍ଭ କରି ପରୀକ୍ଷଣ ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା ରହିଛି । ଏ ବିଷୟରେ ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି :

**V/O (Rajnath-Lakhnow)**

---

## ଶ୍ରୀଲଙ୍କା-ପିଏମ୍

୨୦୨୨ ମସିହାରେ ଶ୍ରୀଲଙ୍କା ଅର୍ଥନୈତିକ ସଂକଟ ମଧ୍ୟ ଦେଇ ଗତିକରୁଥିବା ବେଳେ ଭାରତର ସହାୟତା ପାଇଁ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ହରିନୀ ଅମର ସୂରିୟା' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ନୂଆଦିଲ୍ଲୀରେ ଗତକାଲି ବିଶ୍ୱ ସମ୍ମିଳନୀ ଅବସରରେ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ବିଭିନ୍ନ କ୍ଷେତ୍ରରେ ଭାରତ-ଶ୍ରୀଲଙ୍କା ରଣନୈତିକ ଭାଗିଦାରିତାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ଦୁଇଦେଶ ମଧ୍ୟରେ ୩୭ ବର୍ଷ ପୂର୍ବରୁ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଯାହାଫଳରେ ନବୀକରଣୀୟ ସଶକ୍ତି, ଆଞ୍ଚଳିକ ସହଯୋଗ ଏବଂ ଶକ୍ତି ସୁରକ୍ଷା ଭଳି କ୍ଷେତ୍ରକୁ ଅଧିକ ସୁରକ୍ଷିତ ରଖାଯାଇଥିଲା । ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ କହିଛନ୍ତି, ଉଭୟ ଦେଶ ବିକାଶ କ୍ଷେତ୍ରରେ ଆହୁରି ଆଗକୁ ଯିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ।

---

## ବୈଷ୍ଣବ-ଏନ୍‌ଡିଟିଭି ସମିଟ୍

କେନ୍ଦ୍ର ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଦେଶରେ ୫-ଜି ସେବାର ଗତି ବିଶ୍ୱକୁ ଆଶ୍ଚର୍ଯ୍ୟାନ୍ୱିତ କରିଛି । ଦେଶରେ ଟେଲିକମ୍ ନେଟଓ୍ୱାର୍କର ଦ୍ରୁତ ବିକାଶ ନେଇ ଶ୍ରୀ ବୈଷ୍ଣବ କହିଛନ୍ତି, ପ୍ରାୟ ୯୦ ପ୍ରତିଶତ ଅଞ୍ଚଳରେ ୫-ଜି ନେଟଓ୍ୱାର୍କ ଯୋଗାଇ ଦିଆଯାଇଛି ।

ନୂଆଦିଲ୍ଲୀରେ ଆୟୋଜିତ ବିଶ୍ୱ ସମ୍ମିଳନୀକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ବିଶ୍ୱରେ ଭାରତ ୫-ଜି ନେଟୱର୍କ ସେବା ଯୋଗାଇଦେବା କ୍ଷେତ୍ରରେ ଦ୍ୱିତୀୟ ଦେଶ ହୋଇପାରିଛି । ଦେଶର ଦୂରଦୂରାନ୍ତ ଅଞ୍ଚଳାରେ ୫-ଜି ସଂଯୋଗୀକରଣ ପହଞ୍ଚିପାରିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ଅନ୍ୟପକ୍ଷରେ ଡିପ୍ ଫେକ୍ ଯୋଗୁଁ ଘଟୁଥିବା ଘଟଣାଗୁଡ଼ିକୁ ଯେଭଳି ବନ୍ଦ କରିହେବ, ସେ ନେଇ ଆଗାମୀ ଦିନରେ ସରକାର ଆଇନ ବ୍ୟବସ୍ଥା କରିବେ ବୋଲି ସେ କହିଛନ୍ତି ।

## ମୋଜାମ୍ବିକ୍ ବୋଟ୍ କାପାସାଇଜ୍

ମୋଜାମ୍ବିକ୍‌ରେ ଏକ ଡଙ୍ଗା ବୁଡ଼ିଯିବା ଫଳରେ ୩ ଜଣ ଭାରତୀୟ ନାଗରିକଙ୍କ ମୃତ୍ୟୁ ହୋଇଛି । ଅନ୍ୟ ୫ଜଣ ନିଖୋଜ ଥିବା ଜଣାପଡ଼ିଛି । ମୋଜାମ୍ବିକ୍‌ରେ ଅବସ୍ଥାପିତ ଭାରତୀୟ ଦୂତାବାସର ସୂଚନା ଅନୁଯାୟୀ ଗତକାଲି ଏକ ନୌକାର କ୍ରୁ ସଦସ୍ୟମାନଙ୍କୁ ନେଇ ଯାଉଥିବା ଡଙ୍ଗାଟି ବୁଡ଼ି ଯାଇଥିଲା । ସେଥିରେ ୧୪ ଜଣ ଭାରତୀୟ ନାଗରିକ ଥିଲେ। ଏହି ଦୁଃଖଦ ଘଟଣାରେ ଦୂତାବାସ ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି । ୫ ଜଣ ଭାରତୀୟ ନାଗରିକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇ ମେଡ଼ିକାଲ ଚିକିତ୍ସା କରାଯାଉଛି । ନିଖୋଜ ଥିବା ଅନ୍ୟ ୫ ଜଣଙ୍କୁ ଉଦ୍ଧାର କରିବା ଲାଗି ଉଦ୍ୟମ ଜାରି ରହିଛି ।

## ବେଷ୍ଟ୍ ଟୁରିଜିମ୍ ଭିଲେଜ

ସଂପ୍ରଦାୟ ଭିତ୍ତିକ ପର୍ଯ୍ୟଟନ ପ୍ରତି ପ୍ରତିବଦ୍ଧତା ସ୍ୱରୂପ ଜାତିସଂଘ ସ୍ଲୋଭେନିଆର ସୁନ୍ଦର ସହର ବ୍ଲେଡ୍ କୁ ବିଶ୍ୱର ଶ୍ରେଷ୍ଠ ପର୍ଯ୍ୟଟନ ଗ୍ରାମ-୨୦୨୫ ଭାବେ ନାମିତ କରିଛି । ଜାତିସଂଘ ପକ୍ଷରୁ ଏହାର ଦ୍ୱୀପ, ଚର୍ଚ୍ଚ, ଦୁର୍ଗ ଏବଂ ପ୍ରାକୃତିକ ଶୋଭାରାଜିକୁ ଅତ୍ୟନ୍ତ ମନୋମୁଗ୍ଧକର ବୋଲି କୁହାଯାଇଛି । ସୋଲ୍‌କାଭା, ରାଡୋଭଲଜିକା ଏବଂ ବୋହିଞ୍ଜ ପରେ ସ୍ଲୋଭେନିଆର ଚତୁର୍ଥ ଗ୍ରାମ ଭାବେ ବ୍ଲେଡ୍ କୁ ଏହି ମାନ୍ୟତା ମିଳିଛି । ଚୀନ୍‌ର ହୁଝୋଉ ରେ ଏକ

ସମାରୋହରେ ଏହି ବିଷୟ ଘୋଷଣା କରାଯାଇଛି । ଏଥିରେ ୬୫ଟି ଦେଶର ୨୭୦ରୁ ଅଧିକ ଆବେଦନକାରୀଙ୍କ ମଧ୍ୟରୁ ୫୨ଟି ଗ୍ରାମକୁ ଚୟନ କରାଯାଇଥିଲା ।

## ବିଏସ୍ଏନ୍ଏଲ୍-ଦିଓ୍ୱାଲି ଅଫର

ଭାରତ ସଂଚାର ନିଗମ ଲିମିଟେଡ୍-ବିଏସ୍ଏନ୍ଏଲ୍ ସମଗ୍ର ଦେଶରେ ନୂତନ ଗ୍ରାହକଙ୍କ ପାଇଁ ୧ ଟଙ୍କା ବିନିମୟରେ ଦୀପାବଳି ଫୋର୍-ଜି ଯୋଜନା ପ୍ରଚଳନ କରିଛି । ଗତ ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଯୋଜନା ଆସନ୍ତାମାସ ୧୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଯୋଜନା ଅଧୀନରେ ୩୦ ଦିନର ମାଗଣା ମୋବାଇଲ୍ ସେବା ପ୍ରଦାନ କରାଯାଉଛି । ଏହା ମଧ୍ୟରେ ଅସୀମିତ କଲ୍, ଦୈନିକ ୨ ଜିବି ଡାଟା ଏବଂ ୧୦୦ ଏସ୍ଏମ୍ଏସ୍ ଅନ୍ତର୍ଭୁକ୍ତ । ବିଏସ୍ଏନ୍ଏଲ୍ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏ ରବର୍ଟ ଜେ. ରବି କହିଛନ୍ତି ପାର୍ବଣ ଅବସରରେ ବିଭିନ୍ନ ବର୍ଗର ଗ୍ରାହକଙ୍କ ପାଇଁ ବିଏସ୍ଏନ୍ଏଲ୍ ପକ୍ଷରୁ ୫ଟି ଯୋଜନା ପ୍ରଚଳନ କରାଯାଇଛି ।

## ମେହୁଲ ଚୋକ୍ସି ପ୍ରତ୍ୟର୍ପଣ

ବେଲ୍ଜିୟମର ଏକ କୋର୍ଟ ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍ସିଙ୍କୁ ଭାରତକୁ ପ୍ରତ୍ୟର୍ପଣ ନେଇ ଅନୁମତି ପ୍ରଦାନ କରିଛନ୍ତି । ଆଣ୍ଟୱର୍ପ ର କୋର୍ଟ ଗତକାଲି ଏହି ରାୟ ପ୍ରଦାନ କରି କହିଛନ୍ତି, ଭାରତର ଅନୁରୋଧ ଆଧାରରେ ମେହୁଲ୍ ଚୋକ୍ସିଙ୍କୁ ବେଲଜିୟମ ପୋଲିସ୍ ଦ୍ୱାରା ଗିରଫ କରାଯିବା ଆଇନ ଅନୁଯାୟୀ ବୈଧ ଥିଲା । କୋର୍ଟଙ୍କ ଏହି ରାୟ ୧୩ ହଜାର କୋଟି ଟଙ୍କାର ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ଆର୍ଥିକ ଠକେଇ ମାମଲାରେ ପଳାତକ ଚୋକ୍ସିଙ୍କୁ ଭାରତକୁ ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ ।

ସିବିଆଇର ଆନୁଷ୍ଠାନିକ ପ୍ରତ୍ୟର୍ପଣ ଅନୁରୋଧ ଆଧାରରେ ମେହୁଲ ଚୋକ୍‌ସିଙ୍କୁ ଗତ ଏପ୍ରିଲ୍ ମାସ ୧୧ ତାରିଖରେ ଆଣ୍ଟୱେର୍ପ ପୋଲିସ୍ ଗିରଫ କରିଥିଲା । ସେବେଠାରୁ ସେ ସେଠାରେ ହାଜତରେ ରହିଛି । କୋର୍ଟରେ ମାମଲାର ବିଚାର ସମୟରେ ବେଲଜିୟମର ସରକାରୀ ଆଇନଜୀବୀ ଭାରତର ମାମଲାକୁ ସମର୍ଥନ କରିଥିଲେ । ଚୋକ୍‌ସିଙ୍କ ବିରୁଦ୍ଧରେ ଠକେଇ, ଅପରାଧିକ ଷଡ଼ଯନ୍ତ୍ର ଏବଂ ଦୁର୍ନୀତି ସମେତ ସମସ୍ତ ଅଭିଯୋଗ ବେଲ୍‌ଜିୟମ ଆଇନ ଅନୁଯାୟୀ ବୈଧ ବୋଲି ସେଠାକାର କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ୧୫ ଦିନ ମଧ୍ୟରେ ବେଲ୍‌ଜିୟମ ସୁପ୍ରିମକୋର୍ଟରେ ଏହି ନିଷ୍ପତ୍ତି ବିରୁଦ୍ଧରେ ଚୋକ୍‌ସି ଆବେଦନ କରିପାରିବେ ।

---

## ଆଫଗାନ-ପାକ୍ ଷ୍ଟ୍ରାଇକ୍

ଅଫଗାନିସ୍ତାନର ସୀମାନ୍ତ ଅଞ୍ଚଳ ପାକଟିକାରେ ପାକିସ୍ତାନ ପକ୍ଷରୁ ଆକାଶମାର୍ଗରୁ ଆକ୍ରମଣରେ ୧୦ଜଣ ସାଧାରଣ ନାଗରିକଙ୍କର ମୃତ୍ୟୁ ହୋଇଛି । ଗତ ୨ ଦିନର ଅସ୍ତ୍ରବିରତି ପରେ ପାକିସ୍ତାନ ପକ୍ଷରୁ ଏଭଳି ଆକ୍ରମଣ କରାଯାଇଛି । ଏଥିରେ ୧୨ ଜଣ ଆହତ ହୋଇଥିବା ଜଣାପଡ଼ିଛି । ଜଣେ ବରିଷ୍ଠ ତାଲିବାନ ଅଧିକାରୀ କହିଛନ୍ତି, ପାକିସ୍ତାନ ଅସ୍ତ୍ର ବିରତିକୁ ଉଲ୍ଲଂଘନ କରିଛି ଏବଂ ଡ୍ରୋନ୍ ମାଧ୍ୟମରେ ପାକ୍‌ଟିକା ପ୍ରଦେଶର ୩ଟି ସ୍ଥାନରେ ବୋମାମାଡ଼ କରିଛି। ଆଫଗାନିସ୍ତାନ ଏହାର ଉଚିତ ଜବାବ ଦେବ ବୋଲି ସେ କହିଛନ୍ତି । ମୃତକଙ୍କ ମଧ୍ୟରେ ଅତି କମ୍‌ରେ ୩ ଜଣ ସ୍ଥାନୀୟ କ୍ରିକେଟ୍ ଖେଳାଳି ରହିଛନ୍ତି ।

ଏହି ଆକ୍ରମଣ ପରିପ୍ରେକ୍ଷୀରେ ଆସନ୍ତାମାସରେ ପାକିସ୍ତାନ ଓ ଶ୍ରୀଲଙ୍କା ସହିତ ହେବାକୁ ଥିବା ତ୍ରିରାଷ୍ଟ୍ରୀୟ କ୍ରିକେଟ୍ ସିରିଜ୍‌ରୁ

ଆଫଗାନିସ୍ତାନ ଓହରି ଯାଇଛି । ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛି, ଏହି କ୍ରିକେଟ୍ ଖେଳାଳିମାନେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଅଂଶ ଗ୍ରହଣ କରିବା ପାଇଁ ପାକ୍‌ଟିକା ପ୍ରଦେଶକୁ ଯାଇଥିଲେ ।

ସୂଚନାଯୋଗ୍ୟ ପାକିସ୍ତାନ ଗତ ବୁଧବାର ଦିନ ଆଫଗାନିସ୍ତାନ ଉପରେ ବିମାନ ଆକ୍ରମଣ କରିବା ପରିପ୍ରେକ୍ଷୀରେ ଉଭୟ ପକ୍ଷ ମଧ୍ୟରେ ବିବାଦୀୟ ସୀମାରେ ଗୁଳି ବିନିମୟ ହୋଇଥିଲା । ତେବେ ଏହାର କିଛି ସମୟ ପରେ ଦୁଇଦେଶ ମଧ୍ୟରେ ୪୮ ଘଣ୍ଟାର ଅସ୍ତ୍ରବିରତି ଘୋଷଣା କରାଯାଇଥିଲା । ଅସ୍ତ୍ରବିରତି ସମୟସୀମା ଗତକାଲି ଶେଷ ହୋଇଥିଲା । ଉଭୟ ପକ୍ଷଙ୍କ ମଧ୍ୟରେ ଆଜି ଅସ୍ତ୍ର ବିରତି ସମୟସୀମା ବୃଦ୍ଧି ନେଇ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଥିଲା ।

## ଡେନମାର୍କ ଓପନ୍

ଡେନ୍‌ମାର୍କ ଓପନ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତୀୟ ପୁରୁଷ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ଚିରାଗ ସେଟ୍ଟି ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଇଣ୍ଡୋନେସିଆର ପ୍ରତିଯୋଗୀଙ୍କୁ ଗତକାଲିର ମ୍ୟାଚ୍‌ରେ ଭାରତୀୟ ଯୋଡ଼ି ୨୧-୧୫, ୧୮-୨୧ ଏବଂ ୨୧-୧୬ ପଏଣ୍ଟରେ ପରାସ୍ତ କରିଛନ୍ତି । ସେମିଫାଇନାଲ୍ ପର୍ଯ୍ୟାୟରେ ଏହି ଯୋଡ଼ି ଜାପାନର ତାକୁରୋହୋକି ଏବଂ ୟୁଗୋ କୋବାୟାସିଙ୍କୁ ଆଜି ଭେଟିବେ ।

ଅନ୍ୟପକ୍ଷରେ ପୁରୁଷ ଏକକ ବର୍ଗରେ ଲକ୍ଷ୍ୟ ସେନ୍ ଫ୍ରେଞ୍ଚ ପ୍ରତିପକ୍ଷ ଆଲେକ୍ସ ଲାନିଅର୍‌ଙ୍କଠାରୁ ପରାସ୍ତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି ।